# ଭାରତର ସମ୍ବିଧାନ

ଭାରତ ସମ୍ବିଧାନକୁ ପୃଥିବୀର ବୃହତ୍ତମ ସମ୍ବିଧାନର ମାନ୍ୟତା ଦିଆଯାଇଥାଏ। ଡ. ବି.ଆର୍ ଆମ୍ବେଦକର ସମ୍ବିଧାନର ପ୍ରଣେତା। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତୀୟ ସମ୍ବିଧାନ ପ୍ରଣୟନ କରାଯାଇଥିଲା। କିନ୍ତୁ ଏହାର ୧୯୫୦ ମସିହା ଜାନୁଆରୀ ୨୬ ତାରିଖରୁ ଲାଗୁ ହୋଇଥିଲା। ସେହି ହିସାବରେ ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସ ଭାବେ ପାଳନ କରାଯାଏ।

# ଭାରତୀୟ ସମ୍ବିଧାନରେ ମୌଳିକ ଅଧିକାର

ଭାରତୀୟ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାର ଗୁଡ଼ିକ ଗଣତନ୍ତ୍ରର ରକ୍ଷାକବଚ। ତେଣୁ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ବ୍ୟକ୍ତିର ମୌଳିକ ଅଧିକାରକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇ ସମ୍ବିଧାନରେ ଆବଶ୍ୟକୀୟ ବ୍ୟବସ୍ଥା ରଖାଯାଇଛି। ଭାରତୀୟ ସମ୍ବିଧାନର ତୃତୀୟ ଭାଗରେ ମୌଳିକ ଅଧିକାର ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା କରାଯାଇଛି।

## ସମାନତା ଅଧିକାର

ସମ୍ବିଧାନର ୧୪ ଧାରା ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତି ଆଇନ ଦୃଷ୍ଟିରେ ସମାନ। ଆଇନ ସମସ୍ତଙ୍କୁ ସମପରିମାଣରେ ସଂରକ୍ଷଣ କରିବ। ଭାରତବର୍ଷର କୌଣସି ଅଞ୍ଚଳରେ ବ୍ୟକ୍ତିବିଶେଷକଙ୍କୁଏହି ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ।

- ଧାରା ୧୫ ଅନୁଯାୟୀ ରାଷ୍ଟ୍ର ଭାରତୀୟ ନାଗରିକଙ୍କ ମଧ୍ୟରେ କେବଳ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ବା ଜନ୍ମସ୍ଥାନ ଭିତ୍ତିରେ ସାର୍ବଜନୀନ ସ୍ଥାନର ବ୍ୟବହାର କ୍ଷେତ୍ରରେ କୌଣସି ପାତରଅନ୍ତର କରାଯିବ ନାହିଁ।



- ଧାରା ୧୬ ଅନୁସାରେ ସରକାରୀ ଚାକିରି କ୍ଷେତ୍ରରେ ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ, ବଂଶ ବା ଜନ୍ମସ୍ଥାନ ନିର୍ବିଶେଷରେ ସମାନ ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଇଛି। ଅନୁନ୍ନତ ସମ୍ପ୍ରଦାୟର ଲୋକଙ୍କ ପାଇଁ ସରକାର କେତେକ ଚାକିରି ସଂରକ୍ଷିତ କରିପାରନ୍ତି। ଧର୍ମାନୁଷ୍ଠାନର ପଦବୀ ଗୁଡ଼ିକ କେବଳ ସେହି ଧର୍ମ ଆଚରଣ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ସଂରକ୍ଷିତ ରହିପାରିବ।
- ସମ୍ବିଧାନର ୧୭ ଧାରା ବଳରେ କେହି ଅସ୍ପୃଶ୍ୟତାକୁ ଉତ୍ସାହିତ କଲେ ଆଇନ ଅନୁସାରେ ଦଣ୍ଡିତ ହେବେ।
- ୧୮ ଧାରାରେ କୌଣସି ବ୍ୟକ୍ତିଙ୍କୁ ଶିକ୍ଷାଗତ ବା ସାମରିକ ଉପାଧି ଭିନ୍ନ ଅନ୍ୟ କୌଣସି ଉପାଧି ପ୍ରଦାନ କରିବାକୁ ବାରଣ କରାଯାଇଛି। ଭାରତର ରାଷ୍ଟ୍ରପତିଙ୍କ ବିନା ଅନୁମୋଦନରେ ଭାରତୀୟ ନାଗରିକ ମଧ୍ୟ ବିଦେଶୀ ରାଷ୍ଟ୍ରରୁ କୌଣସି ଉପାଧି ଗ୍ରହଣ କରିପାରିବେ ନାହିଁ।

## ସ୍ୱାଧୀନତା ଅଧିକାର — ଧାରା ୧୯ରୁ ୨୧

- ଭାରତର ନାଗରିକଙ୍କୁ ସମ୍ବିଧାନର ୧୯ ଧାରାରେ ସାତ ପ୍ରକାରର ସ୍ୱାଧୀନତା ପ୍ରଦାନ କରାଯାଇଛି। ୧) ବାକ୍ ସ୍ୱାଧୀନତା, ୨) ଶାନ୍ତିପୂର୍ଣ୍ଣ ଏବଂ ନିରସ୍ତ୍ର ସମାବେଶର ସ୍ୱାଧୀନତା ଅଧିକାର, ୩) ସମିତି ବା ସଂଘ ଗଠନର ସ୍ୱାଧୀନତା ଅଧିକାର, ୪) ଭାରତରେ ସର୍ବତ୍ର ଅବାଧ ଗତିର ଅଧିକାର, ୫) ଭାରତର ଯେକୌଣସି ପ୍ରାନ୍ତରେ ବସବାସ କରିବାର ସ୍ୱାଧୀନତା ଅଧିକାର, ୬) ସମ୍ପତ୍ତି ଅର୍ଜନ, ଧାରଣ ଏବଂ ହସ୍ତାନ୍ତର କରିବାର ସ୍ୱାଧୀନତା ଅଧିକାର, ୭) ଯେକୌଣସି ବୃତ୍ତି ଅଥବା ଜୀବିକା ବା ବ୍ୟବସାୟ ବାଣିଜ୍ୟ କରିବାର ସ୍ୱାଧୀନତା ଅଧିକାର।
  ମାତ୍ର ୪୪ତମ ସମ୍ବିଧାନ ସଂଶୋଧନ ଆଇନରେ ସମ୍ପତ୍ତି ଅର୍ଜନ, ଧାରଣ ଏବଂ ହସ୍ତାନ୍ତର ସମ୍ପର୍କିତ ସ୍ୱାଧୀନତା ଅଧିକାରକୁ ଉଠାଇ ଦିଆଯାଇଛି। ବର୍ତ୍ତମାନ ୬ ପ୍ରକାର ସ୍ୱାଧୀନତା ଅଧିକାର ନାଗରିକମାନେ ଉପଭୋଗ କରୁଛନ୍ତି।



- ୨୦ ଧାରା ଅନୁସାରେ, ପ୍ରଚଳିତ ଆଇନ ଉଲ୍ଲଂଘନ ଅପରାଧରେ କୌଣସି ନାଗରିକଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଦିଆଯାଇପାରିବ, ମାତ୍ର ଅପରାଧ କଲାବେଳେ ଉକ୍ତ ଅପରାଧ ପାଇଁ ଯେଉଁ ଦଣ୍ଡ ବ୍ୟବସ୍ଥା ଥିବା, ତାହାଠାରୁ ଗୁରୁତର ଦଣ୍ଡ ଦିଆଯିବ ନାହିଁ। ଗୋଟିଏ ଅପରାଧ ପାଇଁ ଏହି ଧାରା ଅନୁସାରେ ନାଗରିକଙ୍କୁ ଦୁଇ ଥର ଦଣ୍ଡ ଦିଆଯାଇପାରିବ ନାହିଁ।
- ୨୧ ଧାରା ବଳରେ କୌଣସି ନାଗରିକଙ୍କ ଆଇନର ଅନୁମୋଦନ ବିନା ତାଙ୍କର ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରାଯାଇପାରିବ ନାହିଁ।
- ୨୨ ଧାରା ଅନୁସାରେ କୌଣସି ବ୍ୟକ୍ତିଙ୍କୁ ମନମୁଖୀ ଗିରଫ କରି ଅଟକବନ୍ଦୀ ରୂପେ ରଖାଯାଇପାରିବ ନାହିଁ। ଗିରଫ ହୋଇଥିବା ବ୍ୟକ୍ତିକୁ ଗିରଫର କାରଣ ଜଣାଇବାକୁ ପଡ଼ିବ। ନିଜ ଓକିଲଙ୍କ ସହ ପରାମର୍ଶ କରି ଗିରଫ ବିରୁଦ୍ଧରେ ପ୍ରତିରକ୍ଷା ବ୍ୟବସ୍ଥା କରିବା ଅଧିକାରରୁ ତାଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ଆଉ ମଧ୍ୟ ଗିରଫ ହେବାର ୨୪ ଘଣ୍ଟା ମଧ୍ୟରେ ନିକଟବର୍ତ୍ତୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉପସ୍ଥାପିତ କରିବାକୁ ହେବ।

## ଶୋଷଣ ବିରୋଧରେ ଅଧିକାର — ଧାରା ୨୩ ଓ ୨୪



- ୨୩ ଧାରା ବଳରେ ଅସୁଧା ଉଦ୍ଦେଶ୍ୟରେ ମହିଳା ଓ ଶିଶୁଙ୍କୁ ନେଇ ବ୍ୟବସାୟ ଅଥବା ବେଠି, ବେଗାରୀ ବା ବଳପୂର୍ବକ ଶୋଷଣ କରିବା ବେଆଇନ।
- ୨୪ ଧାରା ବଳରେ ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ କୌଣସି କଳକାରାଖାନା, ଖଣି ବା ଅନ୍ୟାନ୍ୟ ବିପଦଜନକ କାର୍ଯ୍ୟରେ ନିଯୁକ୍ତି ଦେବା ଅପରାଧ।

## ଧର୍ମଗତ ସ୍ୱାଧୀନତା ଅଧିକାର — ଧାରା ୨୫ରୁ ୨୮



- ସମ୍ବିଧାନର ୨୫ ଧାରାରେ ପ୍ରତ୍ୟେକ ବ୍ୟକ୍ତି ନିଜର ବିବେକ ଅନୁସାରେ ସ୍ୱାଧୀନ ଭାବରେ ଯେକୌଣସି ଧର୍ମଗ୍ରହଣ, ଧର୍ମାଚରଣ ଏବଂ ଧର୍ମପ୍ରଚାର କରିପାରିବେ।
- ୨୬ ଧାରା ଅନୁସାରେ ପ୍ରତ୍ୟେକ ଧର୍ମସମ୍ପ୍ରଦାୟ ନାଗରିକ ନିଜ ନିଜର ଧର୍ମାନୁଷ୍ଠାନ ପ୍ରତିଷ୍ଠା କରି ତତ୍ ସମ୍ବନ୍ଧୀୟ ସ୍ଥାବର-ଅସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ କରିପାରିବେ।
- ୭ ଧାରା କୌଣସି ନିର୍ଦ୍ଦିଷ୍ଟ ଧର୍ମର ପ୍ରଚାର, ପ୍ରସାର, ପୋଷଣ ନିମିତ୍ତ କୌଣସି ନାଗରିକଙ୍କୁ ରାଷ୍ଟ୍ର ବାଧ୍ୟ କରିପାରିବ ନାହିଁ। ସେହିପରି ଧାରା ୨୮ ହିସାବରେ ସରକାରୀ ଶିକ୍ଷାନୁଷ୍ଠାନରେ ଧର୍ମ ସମ୍ବନ୍ଧୀୟ ଶିକ୍ଷାଦାନ ଦିଆଯାଇପାରିବ ନାହିଁ।

## ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର — ଧାରା ୨୯ ଓ ୩୦



- ୨୯ ଧାରା ସଂଖ୍ୟାଲଘୁ ଭାଷାଭାଷୀଙ୍କୁ ନିଜ ହିସାବରେ ସ୍ୱତନ୍ତ୍ର ଭାଷା, ଲିପି ବା ସଂସ୍କୃତିର ସୁରକ୍ଷାର ଅଧିକାର ଦେଇଛି।
- ଧାରା ୩୦ ଅନୁସାରେ ସଂଖ୍ୟା ଲଘୁ ସମ୍ପ୍ରଦାୟମାନେ ଆବଶ୍ୟକତା ଅନୁସାରେ ନିଜ ନିଜର ଧର୍ମଭିତ୍ତିକ ବା ଭାଷାଭିତ୍ତିକ ଶିକ୍ଷାନୁଷ୍ଠାନ ସ୍ଥାପନ ଏବଂ ପରିଚାଳନା କରିପାରିବେ। ରାଷ୍ଟ୍ର ସେମାନଙ୍କ ମଧ୍ୟରେ କୌଣସି ଭେଦଭାବ ବିଚାର ନକରି ସାହାଯ୍ୟ ମଞ୍ଜୁର କରିବ।

## ସାମ୍ବିଧାନିକ ପ୍ରତିକାର ଅଧିକାର — ଧାରା ୩୨

ଏହି ଅଧିକାରଟି ହେଉଛି ସମସ୍ତ ମୌଳିକ ଅଧିକାରର ରକ୍ଷାକର୍ତ୍ତା। କୌଣସି ବ୍ୟକ୍ତି ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଉପଭୋଗରୁ ବଞ୍ଚିତ ହେଲେ କିମ୍ବା ରାଷ୍ଟ୍ର ବ୍ୟକ୍ତିର ଅଧିକାର ଉପରେ ହସ୍ତକ୍ଷେପ କଲେ ସମ୍ବିଧାନର ୩୨ ଧାରା ବଳରେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରି ପ୍ରତିକାର ଲୋଡ଼ି ପାଇବେ। ସମ୍ବିଧାନର ୨୨୬ ଧାରା ଅନୁସାରେ ରାଜ୍ୟର ଉଚ୍ଚ ନ୍ୟାୟାଳୟରେ ଉକ୍ତ ପ୍ରତିକାର ପ୍ରଦାନର କ୍ଷମତା ମଧ୍ୟ ଦିଆଯାଇଛି। ମାତ୍ର ଜରୁରୀ ପରିସ୍ଥିତିରେ ରାଷ୍ଟ୍ରପତି ୩୨ ଧାରାକୁ ବାତିଲ କରିଦେଇ ପାରିବେ।



www.djmv.org | djmv.odisha@gmail.com | 6371379195, 6372475823

DIVYA JYOTI MAHILA VIKASH

Embassy of the Kingdom of the Netherlands

# ମୌଳିକ ଅଧିକାର



- ସମାନତା ଅଧିକାର
- ସ୍ୱାଧୀନତା ଅଧିକାର
- ଶୋଷଣ ବିରୁଦ୍ଧରେ ଅଧିକାର
- ଧର୍ମଗତ ସ୍ୱାଧୀନତା ଅଧିକାର
- ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର
- ସାମ୍ବିଧାନିକ ପ୍ରତିକାର ଅଧିକାର